# ସାହିତ୍ୟ ଅକାଦେମୀ ପକ୍ଷରୁ ଆଲୋଚନାଚକ୍ର




ବାଲେଶ୍ୱର, ୧୫/୯ (ଇମିସ): ସାହିତ୍ୟ ଅକାଦେମୀ ପକ୍ଷରୁ ଅସ୍ମିତା କାର୍ଯ୍ୟକ୍ରମ ଓ 'ଓଡ଼ିଆ ଭାଷା ଓ ସାହିତ୍ୟ ଆନ୍ଦୋଳନରେ ବାଲେଶ୍ୱର' ଶୀର୍ଷକରେ ଏକ ଆଲୋଚନାଚକ୍ର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଅଧିବେଶନକୁ ବିଶିଷ୍ଟ କବି ଓ ସମାଲୋଚକ ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ଓଡ଼ିଆ ଭାଷାର ବିକାଶ ଦିଗରେ ବାଲେଶ୍ୱରର ଅତୁଳନୀୟ ଅବଦାନ ରହିଥିବା ବବେଳେ ଆଜି ବି ଏ ଆନ୍ଦୋଳନ ଶେଷ ହୋଇନାହିଁ। ଭାଷା ଆନ୍ଦୋଳନ ଏକ ନିରନ୍ତର ପ୍ରକ୍ରିୟା ଅଟେ। ଏଥିସହିତ ଓଡ଼ିଆ ଭାଷାକୁ ଅଧିକ ସମୃଦ୍ଧ କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଦରକାର ବୋଲି କହିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ତରୁଣ କୁମାର ସାହୁ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। କୋଲକାତା ସାହିତ୍ୟ ଅକାଦେମୀ ପୂର୍ବାଞ୍ଚଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ମିହିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ତପନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୃଷ୍ଣଚନ୍ଦ୍ର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଅଭୟ ଦ୍ୱିବେଦୀ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିରିଶ ଚନ୍ଦ୍ର ଜେନା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ବିମଳ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଅରବିନ୍ଦ ଗିରି ଓ ରବୀନ୍ଦ୍ର ନାଥ ସାମଲ ପ୍ରବନ୍ଧ ପାଠ କରିଥିଲେ। ରଂଜନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅସ୍ମିତା କାର୍ଯ୍ୟକ୍ରମରେ ଲେଖିକାମାନେ କବିତା ଓ ଗଳ୍ପ ପାଠ କରିଥିଲେ। ଦୀପ୍ତି ଦାସ, ପୁଷ୍ପାଞ୍ଜଳି ନାୟକ, ସୈରିନ୍ଧ୍ରୀ ସାହୁ, ମୋନାଲିସା ମିଶ୍ର, କ୍ଷୀରୋଦିନୀ ବେହେରା ଅଂଶଗ୍ରହଣ କରି କବିତା ଓ ଗଳ୍ପ ପାଠ କରିଥିଲେ।